# ଆକାଶ ତଥାପି ସୁନୀଳ

ପଙ୍ଖାରୁ କାର୍‌ବୋନ୍ ଶେଷ ହୋଇ ଆସିଥିଲା.....

ଏକ କିଂଭୂତ ଖଟ୍‌ଖଟ୍ ଶବ୍ଦ କରି, ଛାତରୁ ଝୁଲିଥିବା ପଙ୍ଖାଟା, ଗୋଟିଏ ଆହତ ପକ୍ଷୀର ଡେଣାପରି ଚକର୍‌କାଟି ବୁଲୁଥିଲା; କେତେବେଳେ ଧୀରେ ଧୀରେ; ଆଉ କେତେବେଳେ ଜୋରରେ । ମାତ୍ର ପବନ ଅପେକ୍ଷା ସେଥିରେ ଶବ୍ଦର ବାହୁଲ୍ୟ ଥିଲା ବେଶି ।

ସହର ବସ୍ତି ରାସ୍ତା କଡ଼ରେ ଗୋଟିଏ ରେସ୍ତୁରାଁ । ଗରାଖମାନଙ୍କର ଭିଡ଼ ନ ଥିଲା । ସକାଳର ଅଇଁଠା ପ୍ଲେଟ୍, କପ୍, ଟେବୁଲ ଉପରେ ଉଚ୍ଛିଷ୍ଟ ଓ ହାଡ଼ କଣ୍ଟାର ଅବଶେଷ ସବୁ ମିଶି, ଏକ ଶ୍ମଶାନ ଅଥବା ପରିତ୍ୟକ୍ତ ରଣପ୍ରାନ୍ତରର ପରିବେଶ ସୃଷ୍ଟି କରିଥିଲା ।

ଅମିତାଭର ଟେବୁଲ ଉପରେ, ଯେଉଁଠାରେ କେତେବିନ୍ଦୁ କ୍ଷୀର ଢାଳି ହୋଇ ପଡ଼ିଥିଲା, କେତେଟା ମାଛି ତା' ଉପରେ ବାରମ୍ବାର ଆସି ବସୁଥିଲେ, ପୁଣି ଉଡ଼ି ଯାଉଥିଲେ । ବେଳେବେଳେ ସେଥିରୁ ରୁଚି କଟିଗଲେ, ମାଛି କେତେଟା ଉଡ଼ି ଆସି ନାକଦଣ୍ଡାର ଏକ ସ୍ପର୍ଶକାତର ଅଂଶ ଉପରେ ବସି ପଡୁଥିଲେ... ସେମାନଙ୍କୁ ତଡ଼ିବା ପାଇଁ ଅମିତାଭ ଦୁଇହାତ ଶୂନ୍ୟରେ ବୁଲାଇ, ଆଖିଆଗରେ ମେଲି ଧରିିଥିବା ଖବରକାଗଜଟିକୁ ତଳେ ଫିଙ୍ଗିଦେଇ, ଉତ୍‌କ୍ଷିପ୍ତ ପରି ଚଉକି ଛାଡ଼ି ଉଠି ପୁଣି ବସି ପଡୁଥିଲା ।

'ସ୍ୱଦେଶ-ମିତ୍ର' ସମ୍ବାଦପତ୍ରର ବିଶେଷ ରାଜନୈତିକ ସମ୍ବାଦଦାତା, ଅମିତାଭ ।

ସେ କିନ୍ତୁ ଖବରକାଗଜ ପଢୁ ନ ଥିଲା । ଆଖି ଆଗରେ ମେଲି ଧରିଥିବା ଖବରକାଗଜର ନେପଥ୍ୟରୁ, ରାସ୍ତା ସେପଟେ ଗୋଟିଏ ଦର୍ଜୀ ଦୋକାନରେ କବାଟ ଉଢ଼ାଳରେ ଖଣ୍ଡେ ଟୁଲ ଉପରେ ବସିଥିବା, ଦର୍ଜୀ ହନିମାଷ୍ଟରର ଗତିବିଧି ଲକ୍ଷ୍ୟ କରୁଥିଲା । ତାହାର ଅଙ୍ଗ-ପ୍ରତ୍ୟଙ୍ଗର ପ୍ରତ୍ୟେକ ଅର୍ଥହୀନ ସଞ୍ଚାଳନ, ସାମ୍‌ନା ରାସ୍ତାଆଡ଼େ ତାହାର ପ୍ରତ୍ୟେକ ଉଦ୍‌ବିଗ୍ନ ଦୃଷ୍ଟିର ସତର୍କ ଭଙ୍ଗୀ, ଆକସ୍ମିକ ଭାବରେ ଜୁଟି ଯାଉଥିବା କୌଣସି ଗରାଖ ଅଥବା କୌଣସି ଆଗନ୍ତୁକ ସହିତ ନିତାନ୍ତ ମାମୁଲି କଥାବାର୍ତ୍ତା ସୁଦ୍ଧା, ଅମିତାଭ ଖବରକାଗଜ ଉଢ଼ାଳରେ ଅତ୍ୟନ୍ତ ସତର୍କ ଦୃଷ୍ଟିରେ ଲକ୍ଷ୍ୟ କରି, ତାହାର ବିଶ୍ଳେଷଣ କରୁଥିଲା ଓ ତଥ୍ୟଗୁଡ଼ିକୁ ମନେ ମନେ ଲିପିବଦ୍ଧ କରୁଥିଲା ।

ଆଲିବାବାର ଗୁମ୍ଫା ପରି ଦିଶୁଥିବା 'ମାଷ୍ଟର କଟିଙ୍ଗ୍ ଆଣ୍ଡ ଟେଲରିଙ୍ଗ୍' ଦୋକାନର ଅଳନ୍ଧୁଭରା, ଅନ୍ଧାରୁଆ ଗହ୍ୱର ଭିତରୁ ହନିମାଷ୍ଟର ମଧ୍ୟ ବେଳେ ବେଳେ ଚାହିଁ ଲକ୍ଷ୍ୟ କରୁଥିଲା, ରେସ୍ତୁରାଁ ବାରଣ୍ଡାରେ ଦୋକାନ ମାଲିକ ଓ ଭିତରେ ଅମିତାଭ ଆଡ଼େ । ଦର୍ଜୀ ଦୋକାନକୁ ଲାଗି ଏକ ପୀରଙ୍କ ସମାଧିସ୍ଥାନରେ ଗୋଟିଏ ବୁଢ଼ା ଶିମିଳୀଗଛର ପତ୍ରହୀନ ଶାଖାଟିଏ, ଲାଲଫୁଲର ଭାରରେ ଅବନତ ହୋଇ ରାସ୍ତା ଉପରେ ଆକାଶର ପୃଷ୍ଠଭୂମିରେ, ଖଣ୍ଡେ ଜାପାନୀ ସ୍କେଲ ଚିତ୍ରପରି ଉତ୍କୀର୍ଣ୍ଣ ରହିଥିଲା । ସେଆଡ଼େ ଅମିତାଭ ବେଳେବେଳେ ଚାହୁଁଥିଲା ପ୍ରେରଣା ପାଇଁ ଆଉ ହନିମାଷ୍ଟର ଚାହୁଁଥିଲା ନିଜ ଜୀବନର ଉତ୍ସମୂଳ ସନ୍ଧାନ କରିବା ପାଇଁ ।

ହନି ମାଷ୍ଟର ତା' ର ପିଲାଦିନୁ ସୁଦ୍ଧା, ଏହି ଶିମିଳୀ ଗଛଟିକୁ ଏମିତି ଦେଖି ଆସିଅଛି । ଜୀବନର ସବୁ ସଂଶୟ, ଅନିଶ୍ଚିତତା, ଆଶଙ୍କା ଓ ଆତଙ୍କ ଭିତରେ ଏହି ଶିମିଳୀ ଗଛଟି ଯେପରି, ନିର୍ଭରଶୀଳତା ପୁଣି ନିଶ୍ଚିତତାର ଏକମାତ୍ର ସଙ୍କେତ । ଏବେ ସୁଦୀର୍ଘ ଅଠର ବର୍ଷର ବ୍ୟବଧାନ ଓ ଦେଶାନ୍ତର ପରେ ଏକ ଦରଦୀ ପ୍ରତିବେଶୀ ପରି, ସେହି ପତ୍ରହୀନ ଶିମିଳୀ ଗଛଟି ଯେପରି ହନି ମାଷ୍ଟର ଆଡ଼େ ତାହାର ସ୍ନେହସ୍ପର୍ଶ ପ୍ରସାରିତ କରିଥିଲା । ହନି ମାଷ୍ଟରର ଝାପ୍‌ସା ଆଖି ଆଗରେ ବେଳେବେଳେ ଭାସି ଉଠୁଥିଲା, ତାହାର 'ଆବ୍‌ବାଜାନ୍' ୟୁସୁଫ୍ ମୀର୍ଜା, ସ୍ତ୍ରୀ ଅସ୍‌ପରୀ

ଜାନ୍, ଦୁଇପୁଅ ରମଜାନ୍ ଓ ଉସ୍‌ମାନ ପ୍ରମୁଖଙ୍କର ଛବି । ଆଃ.... ସେମାନେ ସବୁ କିଏ କୁଆଡ଼େ ଝଡ଼ି ଗଲେଣି, ତଥାପି ଶିମିଳୀଗଛର ପତ୍ରହୀନ ଶାଖାରେ ଶାଖାରେ ଅକଳନ୍ତି ଫୁଲ!

ଏକଦା ପ୍ରସିଦ୍ଧ 'ମାଷ୍ଟର କଟିଙ୍ଗ୍ ଆଣ୍ଡ ଟେଲରିଙ୍ଗ୍' ...... ଏବେ ଏହି ବସ୍ତି ରାସ୍ତାକଡ଼ରେ ଏକ ବହୁ ବ୍ୟବହୃତ ଆସବାବ ପରି ଉପେକ୍ଷିତ ହୋଇ ପଡ଼ିଥିଲା । ଏ ସୁଦୀର୍ଘ ଅଠରବର୍ଷ ମଧ୍ୟରେ ଏହି କ୍ଷୁଦ୍ର ସହରଟିରେ ମଧ୍ୟ ମନୁଷ୍ୟର ରୁଚି ଓ ମନୁଷ୍ୟ ମନୁଷ୍ୟ ମଧ୍ୟରେ ସମ୍ପର୍କରେ ଯେଉଁ ବିରାଟ ପରିବର୍ତ୍ତନ, ଅଦୃଶ୍ୟ ଭାବରେ ଅଲକ୍ଷିତରେ ଘଟି ଯାଇଥିଲା, ହନି ମାଷ୍ଟର ତାହାର କୌଣସି ମାପ ଖୋଜି ପାଉ ନ ଥିଲା । ତଥାପି ଦୀର୍ଘ ଅଠର ବର୍ଷର ଦେଶାନ୍ତର ପରେ, ଏହି ଅତି ପରିଚିତ ସହରଟି ତାକୁ ଜୀବନର ଉତ୍ସମୂଳ ପରି ଅତି ଅନ୍ତରଙ୍ଗ ଲାଗୁଥିଲା ।

ଦୋକାନ ବାହାରେ ଗୋଟିଏ ଖୁଣ୍ଟରେ ବନ୍ଧା ହୋଇଥିବା ପାତିମାଙ୍କଡ଼ଟି ହଠାତ୍ କିଚିରି ମିଚିରି ଶବ୍ଦ କରି କାହାକୁ ଦାନ୍ତ ଦେଖାଇ ଚିତ୍କାର କରି ଉଠିଲା । କୌଣସି ଅପରିଚିତ ଆଗନ୍ତୁକକୁ ଦେଖିଲେ ପାତିମାଙ୍କଡ଼ଟି ଆକ୍ରମଣ କରିବା ପାଇଁ ଉହୁଙ୍କି ଆସେ । ପାତିମାଙ୍କଡ଼ର ଚିତ୍କାର ଶୁଣି, ହନି ମାଷ୍ଟର, ଅତି ସନ୍ତର୍ପଣରେ କଇଁଛପରି ବେକ କାଢ଼ି ବାହାରକୁ ଅନାଇଲା ।

ଲୋଚାକୋଚା ଖଣ୍ଡେ ମଇଳା ପାଇଜାମା ଆଉ ଧଡ଼ିଛିଣ୍ଡା ହାୱାଇନ ପିନ୍ଧି ଜଣେ ଲୋକ, କାଖତଳେ ଗୋଟିଏ କାଗଜମୋଡ଼ା ପାକେଟ ଧରି ପିଣ୍ଡା ଉପରକୁ ଉଠି ଆସୁଥିଲା । ଏକ ଅପ୍ରସନ୍ନତାରେ ହନି ମାଷ୍ଟରର ମୁହଁର ରେଖାଗୁଡ଼ିକ କୁଞ୍ଚିତ ହୋଇଗଲା । ହତଭାଗା ନିଶ୍ଚୟ ଆସିଛି; ଫଟା ଛିଣ୍ଡା ପାଇଜାମା ରଫୁପାଇଁ, ନୋହିଲେ ମରାମତି ପାଇଁ; ନୋହିଲେ ଲମ୍ବାରେ ବା ଚଉଡ଼ାରେ ଇଞ୍ଚେ ବା ଦୁଇଇଞ୍ଚ ବଢ଼ାଇବା ପାଇଁ । କାଲି ବା ପଅରଦିନ କେଉଁଠି ଅଛି ଇଣ୍ଟରଭ୍ୟୁ, ତା' ପୂର୍ବରୁ ଏ ତାଳିପକା ପାଇଜାମା ଓ ଜାମାଗୁଡ଼ିକ ଚିକ୍କଣ ଦୋରସ୍ତ ହେବା ଦରକାର । ଏପରି ବହୁ ଅର୍ଡର ହନି ମାଷ୍ଟର ଏବେ ତାମିଲ କରିଥାଏ । ଦୂତ୍.... ଏ ସବୁ ହନିମାଷ୍ଟରର କର୍ମ ନୁହେଁ; ତଥାପି ଏହା ବ୍ୟତୀତ ଅନ୍ୟ କୌଣସି ସମ୍ଭ୍ରାନ୍ତ ଅର୍ଡର ଧରି ଏବେ କେହି ହନିମାଷ୍ଟର 'ମାଷ୍ଟର ଟେଲରିଙ୍ଗ୍ ଆଣ୍ଡ୍ କଟିଙ୍ଗ୍'ର ରାସ୍ତା ମାଡ଼େନାହିଁ ।

ସେହି ଆଗନ୍ତୁକ ବ୍ୟକ୍ତିଟି ଇତିମଧ୍ୟରେ, ଦୋକାନର ଗହ୍ୱର ଭିତରେ ଅଦୃଶ୍ୟ ହୋଇ ସାରିଥିଲା ।

ଅମିତାଭ ସାମ୍ନାରେ ପଡ଼ିଥିବା ସିଗାରେଟ ପାକେଟରୁ ଖଣ୍ଡେ ସିଗାରେଟ କାଢ଼ି, ଓଠରେ ଚାପିଧରି ସେଥିରେ ନିଆଁ ଲଗାଇଲା । ଏକ ଚାଞ୍ଚଲ୍ୟକର ଅନୁସନ୍ଧାନର ସଫଳତାରେ ତାହାର ଦୁଇ ଆଖି ମୋଟା ଲେନ୍ସର ଚଷମା ତଳେ, ଦପ୍ ଦପ୍ ହୋଇ ଜଳି ଉଠିଲା; କିନ୍ତୁ ସେତିକିବେଳେ ଦୁଇଟା ମାଛି ହଠାତ୍ ଉଡ଼ିଆସି ଅମିତାଭର ନାକଦଣ୍ଡା ଉପରେ ବସି ପଡ଼ିବାରୁ, ସେ ହାତରୁ ଖବରକାଗଜଟା ଫିଙ୍ଗିଦେଇ ଉତ୍‌କ୍ଷିପ୍ତ ପରି ଠିଆହୋଇ ପଡ଼ିଲା ।

ଆଃ... ଏଇ ମାଛି ଆଉ ଗୁପ୍ତଚର! ଦେଶର କୋଣେ କୋଣେ ଛାଇ ହୋଇ ପଡ଼ିଛନ୍ତି । ଅମିତାଭ ଏହି ବିରକ୍ତିକର ଅସ୍ୱସ୍ତିକର ପରିବେଶ ମଧ୍ୟରେ 'ସ୍ୱଦେଶ-ମିତ୍ର' ସ୍ତମ୍ଭରେ ଲେଖା ପାଇଁ ପ୍ରାରମ୍ଭିକ ବାକ୍ୟର ସନ୍ଧାନ ପାଇ ସାରିଥିଲା । 'ସହରର ଜନସ୍ୱାସ୍ଥ୍ୟ ତଥା ରାଜନୈତିକ ସ୍ୱାସ୍ଥ୍ୟ ମାଛି ଓ ଗୁପ୍ତଚରମାନଙ୍କ ଦ୍ୱାରା ବିପନ୍ନ!' ରୂପକର ତୀବ୍ରତା, ଉପମାନ ଓ ଉପମେୟର ଅଭିନବତ୍ୱ, ପାଠକମାନଙ୍କୁ ଯେପରି ଏକ ସୁତୀବ୍ର ଆବେଦନରେ ଅଭିଭୂତ କରିଦେବ, ଅମିତାଭ ସେହି କଳ୍ପନା ମଧ୍ୟରେ, ହନି ମାଷ୍ଟର ଓ ସେହି ଆଗନ୍ତୁକର କଥା ସାମୟିକ ଭାବରେ ବିସ୍ମୃତ ହୋଇ ପଡ଼ିଥିଲା ।

ସେ ଆଗନ୍ତୁକ ଜଣକ ତଥାପି ଦୋକାନ ଭିତରୁ ବାହାରି ନାହିଁ । ହନି ମାଷ୍ଟର ସହିତ କି ଷଡ଼ଯନ୍ତ୍ରର ଗୋପନ ମନ୍ତ୍ରଣା ସେଠାରେ ଚାଲିଛି, କେ ଜାଣେ? ହନି ମାଷ୍ଟରର ପୋଷା ପାତିମାଙ୍କଡ଼ଟି ଖୁଣ୍ଟରେ ବନ୍ଧାହୋଇ ଏ ପର୍ଯ୍ୟନ୍ତ ନିଶ୍ଚଳ ଭାବରେ, ନୀରବରେ ବସି ଢୁଳାଉଥିଲା; କିନ୍ତୁ ଏବେ

ଅକାରଣରେ କେତେବେଳେ ଖୁଣ୍ଟ ଉପରକୁ ଚଢ଼ିଯାଇ, କେତେବେଳେ ତଳକୁ ଖସି ଆସି ଏକ ବିଚିତ୍ର କିଚିରି ମିଚିରି ଶବ୍ଦ କରି ସର୍କସ ଜୋକରପରି ନାଚୁଥିଲା, କୁଦୁଥିଲା, ନାନା ଅଙ୍ଗଭଙ୍ଗୀ ପ୍ରଦର୍ଶନ କରୁଥିଲା ।

ଏବେ ଯେଉଁଠାରେ ଗୋଲାପୀ ଛିଟକନାର ଘାଘରାପିନ୍ଧା ପୋଷା ପାତିମାଙ୍କଡ଼ଟି ବନ୍ଧା ହୋଇଥିଲା, ଅଠର ବର୍ଷ ପୂର୍ବେ ସେଠାରେ ବନ୍ଧା ଥିଲା ଚାରିଫୁଟ ଉଚ୍ଚର ଗୋଟିଏ ଛେଳି । ତାହାର ଦୁଇ ଶିଙ୍ଘ ଦୁଇଟି ବର୍ଚ୍ଛାପରି ଉପରକୁ ମୁନିଆଁ ହୋଇ ଉଠିଥିଲା । ଥୋମଣି ତଳେ ଗୋଟିଏ ଦାଢ଼ି ଚୀନା ଦାର୍ଶନିକମାନଙ୍କ ଦାଢ଼ିପରି, ତଳକୁ ଲମ୍ବି ଆସିଥିଲା । ବିଲାତି ସିଝୁର ପତ୍ରପରି କାନ ଦୁଇଟା ତଳକୁ ଥୋମଣି ପର୍ଯ୍ୟନ୍ତ ଝୁଲି ପଡ଼ିଥିଲା । ‘ମାଷ୍ଟର କଟିଙ୍ଗ୍ ଆଣ୍ଡ୍ ଟେଲରିଙ୍ଗ’ ର ସଂକୀର୍ଣ୍ଣ ଅଣଓସାରୀ ପିଣ୍ଡା ଉପରେ, ଖୁଣ୍ଟରେ ବନ୍ଧାହୋଇ, ଆଖି ବୁଜି ଦିନସାରା ସେ ପାକୁଳି କରୁଥିଲା, ଆଉ ହନି ମାଷ୍ଟର ଗୋଟିଏ ସିଲେଇ ମେସିନ୍ ପାଖରେ ବସି, ମେସିନ୍ ଚଳାଇବା ସଙ୍ଗେ ସଙ୍ଗେ, ସହରରେ ନୂତନତମ ଫିଲିମ୍‌ର ଲୋକପ୍ରିୟ ସଙ୍ଗୀତ ଗୁଣୁ ଗୁଣୁ କଣ୍ଠରେ ଗାଉଥିଲା, ବେଳେ ବେଳେ ମେସିନଟା ବନ୍ଦକରି ଗୀତରେ ତନ୍ମୟ ହୋଇ ପଡୁଥିଲା, ନୋହିଲେ ଗୀତ ବନ୍ଦ କରି ନିଜର ସୂଚୀଶିଳ୍ପରେ ଆତ୍ମବିସ୍ମୃତ ହୋଇ ପଡୁଥିଲା । ଖରିଦଦାରମାନଙ୍କର ଭିଡ଼ ସେଦିନ ଏଠାରେ ଥିଲା ପ୍ରଚୁର, ହନି ମାଷ୍ଟରର କଟିଙ୍ଗ୍‌ରେ ମଧ୍ୟ ଥିଲା ଏକ ବିଶେଷତ୍ୱ- ସେ ଫତେଇ ହେଉ, କୁର୍ତ୍ତା ହେଉ, ପଞ୍ଜାବୀ ହେଉ ବା ‘ଓପନ-କଲାର୍’ କାମିଜ୍ ହେଉ ।

ମଧ୍ୟବୟସ୍କ, ସୁସ୍ୱାସ୍ଥ୍ୟ ଦେହ, ଓସ୍ତାଦୀ ଆଖଡ଼ାରେ ବଳା ନିଟୋଳ ମାଂସପେଶୀ, ମୁହଁରେ ତ୍ରିକୋଣାକାରରେ କଟା ସୁଘଞ୍ଚ ଦାଢ଼ି, ଆଖିରେ ସୁର୍‌ମା, କାନରେ ଅତରଦିଆ ତୂଳା, ଛାତିରେ କଳା ଫିତାରେ ବନ୍ଧା ଚାରିକୋଣିଆ ଗୋଟିଏ ରୂପା ତାବିଜ ଓ ପିନ୍ଧାରେ ଖଣ୍ଡେ ଗାରଟଣା ସାବ୍‌ଜା ଲୁଙ୍ଗି... ସେଦିନ ହନି ମାଷ୍ଟର ସହିତ, ଜନସ୍ମୃତିରେ ବର୍ଜିତ, ଉପେକ୍ଷିତ ଓ ବିସ୍ମୃତ ଏ ବ୍ୟକ୍ତିଟିର ଅବଶ୍ୟ କୌଣସି ସାମଞ୍ଜସ୍ୟ ନାହିଁ । ସେଦିନ ଯେଉଁଠାରେ କଳା ମୁଚ୍ ମୁଚ୍ ବାଳର ଲହର ଭାଙ୍ଗୁଥିଲା, ଏବେ ତାହା ଚନ୍ଦା ପଡ଼ି ଆସିଥିଲା । ଆଖି ଦୁଇଟି କୋଟରଗତ । ଦୁଇ ପାଖର ଗାଲ ତଳକୁ ଝୁଲି ଆସିଥିଲା । ଛାତି ଓ ବାହୁର ମାଂସପେଶୀମାନ ଶିଥିଳ ଓ ଲୋହିତ ହୋଇ ଶୁଖିଲା ଫଳପରି, ଦେହର ଶୀର୍ଣ୍ଣ ଶାଖାରେ ଯେପରି ଝୁଲି ରହିଥିଲା । ଆଖିରେ ସୁରମାର ଅଞ୍ଜନ ନ ଥିଲା, କାନରେ ଅତର କାଠିର ବାହାର ନ ଥିଲା । ଅଠର ବର୍ଷ ତଳର ସେହି ସଯତ୍ନ ଲାଳିତ ଦାଢ଼ି ଏବେ ରୁକ୍ଷ ଓ ପିଙ୍ଗଳ ଦିଶୁଥିଲା । କେତୋଟି ଦାନ୍ତ ଖସି ପଡ଼ିଥିବାରୁ ହନି ମାଷ୍ଟରର ବଳିଲା ସୁଗଠିତ ମୁହଁଟି ଆକୃତିହୀନ ଦିଶୁଥିଲା ।

ଙ ଙ ଙ

ପିତୃଦତ୍ତ ହନିଫ୍ ମୀର୍ଜା ନାମଟି କିପରି ଦିନେ ହନି ମାଷ୍ଟରରେ ପରିଣତ ହେଲା, ସେ ସତ୍ୟ ଅବଶ୍ୟ ଜଣା ନାହିଁ । ସମ୍ଭବତଃ ସୂଚୀ-ଶିଳ୍ପର କୁଶଳତା ହେତୁ, କେହି ବିଦଗ୍‌ଧ ଗୁଣଗ୍ରାହୀ ତା’ ର ନାମ ସହିତ, ମାଷ୍ଟର ଉପାଧିଟି ଯୋଡ଼ି ଦେଇଥିଲା । ହନିଫ୍ ମାଷ୍ଟର ସଂକ୍ଷେପିତ ହୋଇ ଅବଶେଷରେ ରହିଥିଲା “ହନି ମାଷ୍ଟରରେ!” ମାତ୍ର ଏହି ସମ୍ବେଦନ ମଧ୍ୟରେ ଥିଲା, ଏହି ବ୍ୟକ୍ତିଟି ପ୍ରତି ଏକ ସାର୍ବଜନୀନ ଶ୍ରଦ୍ଧା ଓ ସମ୍ବେଦନ । ବସ୍ତି ଆଖଡ଼ାଠାରୁ ସୌଖୀନ ଗରାଖମାନଙ୍କର ମହଲ ପର୍ଯ୍ୟନ୍ତ, ସବୁଠାରେ ତା’ ର ପରିଚୟ ଥିଲା... ହନି ମାଷ୍ଟର ।

ସାହିର ଦଶହରା ଦିୱାଲୀ ଉତ୍ସବରେ, ମେଢ଼ ବିସର୍ଜନ ପାଇଁ ହିନ୍ଦୁମାନଙ୍କର ପଟୁଆର ବାହାରିବାବେଳେ, ହନି ମାଷ୍ଟର ସମସ୍ତଙ୍କର ପୁରୋଭାଗରେ ନ ବାହାରିଲେ ମେଢ଼ ଉଠୁ ନ ଥିଲା । ପିନ୍ଧାରେ ଗାରକଟା ଲୁଙ୍ଗି, ଦେହରେ ଫୁଲପକା ପାତଳା ଅର୍ଦ୍ଧି କନାର ପଞ୍ଜାବୀ, ମୁଣ୍ଡରେ ଗୋଲାପି ଜର୍‌ଜେଟର ପଗଡ଼ି, ବେକରେ ହଳଦିଆ ଜିଲପିର ମାଳା, ହାତରେ ଚିତାଏ ଉଞ୍ଚାର ରୂପା ଗୋବବସା ବାଉଁଶ ଠେଙ୍ଗା... ହନି ମାଷ୍ଟରର ଏହି ମୂର୍ତ୍ତିଟିକୁ ସାହିରେ ତଥାପି କେହିକେହି ମନେ ରଖିଅଛନ୍ତି ।

ଙ ଙ ଙ

ହନି ମାଷ୍ଟର, କିଛି ସମୟ ପରେ ଅନ୍ଧାର-ଗୁମ୍ଫାର ଗହ୍ୱର ପରି ଦିଶୁଥିବା ଦୋକାନ ଭିତରୁ ବାହାରି ପ୍ରଥମେ ଚୈତ୍ର ମଧ୍ୟାହ୍ନର ଉତ୍ତପ୍ତ ଆକାଶ ଓ ତା ' ପରେ ଜନବିରଳ ଗଳିରାସ୍ତାର ବାମ ଓ ଦକ୍ଷିଣକୁ ଶୂନ୍ୟ ଅର୍ଥହୀନ ଦୃଷ୍ଟିରେ ଚାହିଁ ପୁଣି ସେହି ଗୁମ୍ଫା ଭିତରକୁ ଚାଲିଗଲା । ଇତିମଧ୍ୟରେ ଢୁଳାଇ ପଡ଼ିଥିବା ପାତିମାଙ୍କଡ଼ଟା ପୁଣି ପରସ୍ତେ କିଚିରି ମିଚିରି ଚିତ୍କାର କରି ନାଚି କୁଦି ଖୁଣ୍ଟ ଉପରକୁ ଉଠି, ହନି ମାଷ୍ଟରର ଦୃଷ୍ଟି ଆକର୍ଷଣ କରିବା ପାଇଁ ଟ୍ରାପିଜ୍ ଖେଳ ଆରମ୍ଭ କରି ଦେଇଥିଲା ।

ଅମିତାଭ ମନେମନେ ବିଶ୍ଳେଷଣ କରୁଥିଲା... ସେ ଅଚିହ୍ନା ଗରାଖଟି ମଧ୍ୟ ନିଶ୍ଚୟ ଅନ୍ୟ ଏକ ସ୍ପାଇ; କୌଣସି ଗୁପ୍ତ ସମ୍ବାଦ ଧରି ହନି ମାଷ୍ଟର ନିକଟକୁ ଆସିଥିଲା । ତା ' ନ ହେଲେ ଏହି ଅଶ୍ଳୀଳ ଦୋକାନକୁ କୌଣସି ମାର୍ଜିତ, ରୁଚିବନ୍ତ ଲୋକ ପୋଷାକ ସିଲାଇ ପାଇଁ କେବେ ଆସନ୍ତା କି? ସେ ହୁଏତ ଆଣିଥିଲା, ଓ୍ୱାୟାରଲେସ୍ ଟ୍ରାନ୍ସମିଟର ସେଟ, ହାଣ୍ଡ ଗ୍ରେନଡ... ନୋହିଲେ ସଙ୍ଗରେ ନେଇଗଲା ଏହି ସହର ସମ୍ପର୍କରେ କେତେ ଗୋପନୀୟ ତଥ୍ୟ! ତା ' ନ ହେଲେ ହନି ମାଷ୍ଟର ଦୋକାନ ପିଣ୍ଡାରେ ଠିଆ ହୋଇ, ବିବେକଦଷ୍ଟ ଅପରାଧୀ ପରି ଏଣେ ତେଣେ ସେ ଏପରି ଚାହୁଁଛି କାହିଁକି?

ଗଳିମୋଡ଼ରେ ଦୁଇଜଣ କନେଷ୍ଟବଲ୍ ଅଯଥାରେ ବୁଟ୍‌ଯୋତା ମଚ୍ ମଚ୍ କରି ଟ୍ରାଫିକ ଡିଉଟିରୁ ଫେରୁଥିଲେ... ଯେପରି ସବୁ ଦମ୍ଭ ଓ ଅହଙ୍କାର ସେମାନଙ୍କର ସେହି ବୁଟ୍‌ମିଶା ପାଦରେ । ସେମାନଙ୍କୁ ଦେଖିବାମାତ୍ରେ ହନି ମାଷ୍ଟର ଦୋକାନ ଭିତରକୁ ପଶିଯାଇ ଭିତରୁ କବାଟ ଆଉଯାଇ ଦେଲା ।

ଅମିତାଭ ଗୋଟିଏ ଅଭିନବ ଆବିଷ୍କାରର ସଫଳତାରେ ସ୍ଫୀତ ହୋଇ ଏକ ପ୍ରଚଣ୍ଡ ଆତ୍ମସନ୍ତୋଷରେ ଖଣ୍ଡେ ସିଗାରେଟ୍‌ରେ ନିଆଁ ଲଗାଇଲା । ହନିମାଷ୍ଟର ଦୋକାନ ଭିତରେ ମେସିନ ଚଳାଇବା ଆରମ୍ଭ କରିଥିଲା । ମେସିନର ଶବ୍ଦରେ ସେହି ଜନବିରଳ ଗଳିରାସ୍ତାର ନିଶୁତି ହଠାତ୍ ଯେପରି ଭାଜି ପଡ଼ିଥିଲା ।

ଆଜକୁ ଅଠର ବର୍ଷ ତଳେ...

ସ୍ତ୍ରୀ ଅସଗରୀଜାନର ମୃତ୍ୟୁପରେ, ହନି ମାଷ୍ଟରର ଚିର ପ୍ରଫୁଲ୍ଲ ବେପରୁଆ ମିଜାଜ୍ ହଠାତ୍ ସଂସାର-ବିମୁଖ ଓ ଉଦାସ ହୋଇ ପଡ଼ିଥିଲା । ଦୁଇ ପୁଅ ରମଜାନ୍ ଓ ଉସମାନ୍ କଲିକତା ପୋର୍ଟରେ ଖଲାସି କାମ କରୁଥିଲେ, ମାତ୍ର ବହୁଦିନୁ ସେମାନଙ୍କର କୌଣସି ପତ୍ତା ନ ଥିଲା । ପ୍ରତିବେଶୀ ଅନ୍ୟ କଲିକତା ପ୍ରତ୍ୟାଗତମାନଙ୍କଠାରୁ ଶୁଣାଶୁଣିରେ ଖବର ମିଳିଥିଲା, ସେମାନେ ଯାଇଥିଲେ ହାଣ ମୁହଁରେ ।

ଉତ୍କଟ ସାମ୍ପ୍ରଦାୟିକତାରେ ବିଷାକ୍ତ ସେହି ସବୁ ଭୟଙ୍କର ଦିନ... ଆଜି କଳ୍ପନା କଲେ ସୁଦ୍ଧା ଦେହ ଶୀତେଇ ଉଠେ! ମାତ୍ର ସେତେବେଳକୁ ଏହି ସହରରେ ସଂଖ୍ୟାଗରିଷ୍ଠମାନଙ୍କର ଆଖି, କାଚର ଆଖିପରି ଶୀତଳ କଠୋରତାରେ ନିଷ୍ପ୍ରାଣ ଓ ଅଭିବ୍ୟକ୍ତିହୀନ ହୋଇ ନ ଥିଲା; କିମ୍ବା ସଂଖ୍ୟାଲଘୁମାନଙ୍କ ଆଖି ଆଶଙ୍କା ପୁଣି ଆତଙ୍କରେ ଛାଇ ଢଙ୍କା କଳାଘୁମର ପାଣିପରି ଛଳଛଳ ହୋଇ ନ ଥିଲା, କିମ୍ବା ଗୁମ୍‌ଗୁମିଆ ରଡ଼ନିଆଁ ଉପରେ ପାଉଁଶର ଆବରଣ ପରି, ପ୍ରଚ୍ଛନ୍ନ-ତୀବ୍ରତାରେ ବିଷର୍ଣ୍ଣ ଦିଶି ନ ଥିଲା । ଏହି ଛୋଟ ସହରଟି ସେଦିନ, ଗଦାଏ ବାରୁଦପରି ବିସ୍ଫୋରଣର ଅପେକ୍ଷାରେ ଜ୍ୱାଳାମୟ ଅସହନୀୟ ଓ ଅକଥନୀୟ ହୋଇ ନ ଥିଲା । ସେ ଦିନଗୁଡ଼ିକ ଏବେ ସ୍ମରଣ କଲେ ଏକ ଅସ୍ୱସ୍ତିରେ, ହନି ମାଷ୍ଟରର ଚେତନା ଜର୍ଜରିତ ଓ ଶିହରିତ ହୋଇ ଉଠେ ।

ଖରିଦ୍‌ଦାରମାନଙ୍କର ଆସିବା ହଠାତ୍ ଦିନେ ବନ୍ଦ ହୋଇଗଲା । ନିଜ ସମ୍ପ୍ରଦାୟର ଯେଉଁମାନେ ଆସନ୍ତି, କେହି ଖଣ୍ଡେ ଫତେଇ ବା କୁର୍ତ୍ତା ବା ଜଙ୍ଘିଆ ସିଲେଇ ପାଇଁ; ହନି ମାଷ୍ଟର ସେମାନଙ୍କୁ ଦୂର୍ ଦୂର୍ କହି ତଡ଼ିଦିଏ । ଏସବୁ ହନି ମାଷ୍ଟରରର କର୍ମ ନୁହେଁ । ସେଥିପାଇଁ ଦୁଷରା ଦୋକାନ

ଅଛି, ଦୁଷରା ମିସ୍ତ୍ରୀ ଅଛନ୍ତି । ସନ୍ଧ୍ୟାରେ ବସ୍ତିର ଟୋକାମାନେ ହନି ମାଷ୍ଟରର ଦୋକାପିଣ୍ଡାରେ ଆଉ କୱାଲୀ ଆଡ୍‌ଡାରେ ଜମନ୍ତି ନାହିଁ; ଦୋକାନ ସାମ୍‌ନା ରାସ୍ତା ଉପରେ ଅଖା ବିଛେଇ ରାସ୍ତାର ବିଜୁଳି ଆଲୁଅରେ ତାସ ଖେଳ ଲଗାନ୍ତି ନାହିଁ ।

କଲିକତା, କାନପୁର, ଦିଲ୍ଲୀ, ବମ୍ବେ ସବୁଠି ରକ୍ତର ହୋରିଖେଳ । ଏହି ଛୋଟ ସହରଟି ସେତେବେଳେ ସାମ୍ପ୍ରଦାୟିକ ହିଂସାର ଉତ୍ତରଳ, ଫେନିଳ ଜଳରାଶି ମଧ୍ୟରେ ଏକ ଦ୍ୱୀପପରି ଅବଶ୍ୟ ବିଚ୍ଛିନ୍ନ ରହିଥିଲା । ତଥାପି ତାହାର ବିଷାକ୍ତ ଲହରୀର ଆଘାତରେ ଏହି ସହରର ମର୍ମମୂଳ ଯେପରି ପ୍ରକମ୍ପିତ ହୋଇ ଉଠୁଥିଲା ।

ପ୍ରତ୍ୟେକଟି ମୁହୂର୍ତ୍ତ ଆଶଙ୍କା ଓ ସନ୍ଦେହରେ ଦୁର୍ବିଷହ । ପ୍ରତ୍ୟେକଟି ରାତ୍ରି ଆତଙ୍କିତ ଓ ବିନିଦ୍ର । ପ୍ରତ୍ୟେକଟି ପ୍ରହରରେ ଆତ୍ମରକ୍ଷା ନଚେତ୍ ଆକ୍ରମଣ ପାଇଁ ପ୍ରସ୍ତୁତି ।

ସେତେବେଳେ ସାମାନ୍ୟ ଦିଆସିଲି କାଠି ଖଣ୍ଡେ ସୁଦ୍ଧା, ସେହି ବାରୁଦସ୍ତୂପକୁ ଏକ ଅଗ୍ନ୍ୟୁଦ୍‌ଗାରରେ ପରିଣତ କରି ଦେଇପାରନ୍ତା । ଅଗ୍ନ୍ୟୁଦ୍‌ଗାର ହୋଇଥିଲେ ତାହା ଅବଶ୍ୟ ଜଳି ପୁଣି ନିଭି ଯାଇଥାନ୍ତା... ମାତ୍ର ପ୍ରତି ମୁହୂର୍ତ୍ତରେ ଜଳି ଉଠିବାର ଆଶଙ୍କା, ଜଳିବାଠାରୁ ଥିଲା ଆଉରି ଉତ୍‌ପୀଡ଼କ... ।

ଏଇ ଆଜି ରାତିଅଧରେ ହେବ ଚଢ଼ାଉ...କାଲି ହେବ ଆକ୍ରମଣ... ପ୍ରତ୍ୟେକଟି ମୁହୂର୍ତ୍ତ ଉଦ୍‌ବେଗ ଓ ଆଶଙ୍କାରେ ଅସ୍ଥିର । ସବୁଆଡ଼େ ଅସୁମାରି କାଚ ଆକ୍ଷି; ଅନ୍ଧାରରେ ମହାବଳର ଜଳନ୍ତା ଆଖି ପରି ।

ଓଃ... ମଣିଷର ଆକ୍ଷି ପୁଣି ଏପରି ଭୟଙ୍କର ହୋଇପାରେ?

ପାକିସ୍ଥାନ କ'ଣ ସେ ବୁଝି ନ ଥିଲା...

ଏବେ ଅବଶ୍ୟ ସେ ପାକିସ୍ଥାନର ସ୍ୱରୂପ ନିଜ ଆକ୍ଷିରେ ଦେଖିଛି... ମୁଷ୍ଟିମେୟ ଧର୍ମାନ୍ଧଙ୍କର କ୍ଷମତାଲିପ୍‌ସାର ଚରିତାର୍ଥତା ପାଇଁ ରକ୍ତର ଏକ ଜୁଆଖେଳ ରୂପେ ପାକିସ୍ଥାନକୁ ସେ ଚିହ୍ନିଛି; କିନ୍ତୁ ସେଦିନ ପ୍ରତ୍ୟେକ ମୁସଲମାନର ଦୃଷ୍ଟିରେ ପାକିସ୍ଥାନ ଥିଲା, ନୂତନ ମକକା, ମର୍ତ୍ତ୍ୟରେ ଜନ୍ନତ୍ ।

ଏହି ପରିସ୍ଥିତିରେ ଦିନେ ହନି ମାଷ୍ଟର ତାହାର ପୁରୁଣା ସିଙ୍ଗର ମେସିନର ବିକ୍ରୀଲବ୍ଧ ପାଣ୍ଠିଧରି, ଦୋକାନରେ ତାଲା ଝୁଲାଇ ଶିମିଳୀ ଗଛମୂଳେ ପୀରଙ୍କ ସମାଧିତଳେ ଗୋଟିଏ ଧୂପକାଠି ଜଳାଇ, ବାହାରି ଯାଇଥିଲା ପାକିସ୍ଥାନ ଅଭିମୁଖରେ ।

ଘ ଘ ଘ

ମେସିନର ଶବ୍ଦ ବନ୍ଦ ହୋଇ ଯାଇଥିଲା । ହନି ମାଷ୍ଟର ଦୋକାନ ପିଣ୍ଡାରେ ଠିଆ ହୋଇ ରାସ୍ତାଆଡ଼େ ଶୂନ୍ୟଦୃଷ୍ଟିରେ ଏପାଖ ସେପାଖ ଚାହିଁ, ଯେପରି କାହାର ଉତ୍‌କଣ୍ଠିତ ଅପେକ୍ଷାରେ ଠିଆହୋଇ ରହିଥିଲା ।

ଅମିତାଭ ଖବର କାଗଜ ଉଢ଼ାଳରେ ସିଗାରେଟ ଧୂଆଁର କୁଣ୍ଡଳୀ ଉଡ଼ାଇ ମନେ ମନେ ହନି ମାଷ୍ଟରର ପ୍ରତ୍ୟେକ ଆଚରଣ ଓ ଭଙ୍ଗୀ ବିଶ୍ଳେଷଣ କରି, ତାହାକୁ ନିଶ୍ଚିତ ଭାବରେ ଜଣେ ସ୍ପାଇ ରୂପେ ପ୍ରମାଣିତ କରିବା ପାଇ ଯେପରି ନୂଆ ନୂଆ ଉପାଦାନମାନ ଆବିଷ୍କାର କରୁଥିଲା ।

ସିଲେଇ ମେସିନର ଶବ୍ଦ ହଠାତ୍ ବନ୍ଦ ହୋଇଯିବାରୁ, ଅମିତାଭର ଚିନ୍ତାର ଖିଅ ଛିଣ୍ଡିଗଲା । ସେ ଆଉ ଖଣ୍ଡେ ସିଗାରେଟରେ ନିଆଁ ଲଗାଇ ବାହାରକୁ ଉଠି ଆସିଲା ।

ରେସ୍ତୁରାଁର ମାଲିକ, ପ୍ରବେଶଦ୍ୱାର ପାଖରେ ଖଣ୍ଡେ ଟେବୁଲ ପାଖରେ ଗୋଟିଏ ତେଲଚିକିଟାବୋଳା ଚଉକୀ ଉପରେ ବସି ରେଡିଓଟି ସେହି ମାତ୍ର ଖୋଲି ଦେଇଥିଲା ।

ମଧ୍ୟାହ୍ନ । ଗୋଟାଏ ରେଡିଓରେ ମଧ୍ୟାହ୍ନ ଅଧିବେଶନ ଆରମ୍ଭର ସୂଚନା ସଙ୍ଗୀତ ବାଜି ଉଠୁଥିଲା । ଅମିତାଭ ସେହି ବାଟଦେଇ ଆସିବା ବେଳେ ସେ ଚଉକୀ ଉପରୁ ଉଠି ଆସି, ଅତି ସନ୍ତର୍ପଣରେ ଅମିତାଭକୁ ପଚାରିଲା... "ଆମର ଏ ସହରକୁ କେତେଜଣ ପାକିସ୍ଥାନୀ କୁଆଡ଼େ ହାତବୋମା ଆଉ ବନ୍ଧୁକ ଧରି ଆସିଛନ୍ତି?"

ଅମିତାଭ ରହସ୍ୟପୂର୍ଣ୍ଣ ଭାବରେ ମୃଦୁ ମୃଦୁ ହସି, ଦୋକାନୀ ଆଡ଼େ ଚାହିଁ କହିଲା "ଏଇ ତୁମ ସାମ୍ନାରେ ତ ପାକିସ୍ଥାନୀ ସ୍ପାଇ!"

କେତେଜଣ ପୂର୍ବପାକିସ୍ଥାନୀ ଲୁଗାବିକାଳୀ, ଲୁଗାବୋଝମାନ ପିଠିରୁ ଓହ୍ଲାଇ ହନି ମାଷ୍ଟରର ଦୋକାନ ପିଣ୍ଡାରେ ବସି ଦେହରୁ ଝାଳ ମାରୁଥିଲେ ।

ହନି ମାଷ୍ଟରର ଦୋକାନକୁ ଲାଗି ଛୋଟ ପଡ଼ିଆଟିରେ ଏତେଦିନ ଥୁଣ୍ଟା ଶାଖା ପ୍ରଶାଖା ମେଲି ଠିଆ ହୋଇଥିବା ଶିମିଳୀ ଗଛଟି ଲାଲ ଫୁଲର ଭାରାରେ ଭାଙ୍ଗି ପଡ଼ିଥିଲା । ଜୀବନ ଯେପରି ନିରୁତ୍ସବ ମାସ ଓ ବର୍ଷର ପୌନପୌନିକତା ମଧ୍ୟରେ କେବଳ ଗୋଟିଏ ବର୍ଣ୍ଣାଢ଼୍ୟ ମୁହୂର୍ତ୍ତମାତ୍ର । ଶିମିଳୀ ଫୁଲର ଲାଲ ପାଖୁଡ଼ାମାନ ତଳେ ପୀରଙ୍କ ସମାଧି ଉପରେ ଓ ତା' ର ଚାରିପଟେ ପୁଷ୍ପାଞ୍ଜଳି ପରି ପଡୁଥିଲା । ଦରବେଶ ପରି ଦିଶୁଥିବା ଦୁଇଜଣ ଫକୀର ସମାଧି ପାଖରେ ନମାଜ ପଢ଼ିବା ପାଇଁ ପ୍ରସ୍ତୁତ ହେଉଥିଲେ । ସମାଧିଟା ଏତେଦିନ ଉପେକ୍ଷିତ ହୋଇ ପଡ଼ିଥିଲା, ମାତ୍ର ହନି ମାଷ୍ଟର ଆସିବାପରେ ସେଥିରେ ଚୂନ ବୋଳାଯାଇ, ତାହା ସୁରକ୍ଷିତ ଦିଶୁଥିଲା । ସମାଧି ଉପରେ ଦ୍ୱିତୀୟାର ବଙ୍କିମଚନ୍ଦ୍ର ଲାଂଛିତ ଗୋଟିଏ ସାବ୍‌ଜା ରଙ୍ଗର ପତାକା ମଧ୍ୟ ଉଡୁଥିଲା । ମାଟିର କେତେଟା ଧୂପଦାନୀ ଓ ଝୁଣାପତ୍ର ସେଠାରେ ଇତଃସ୍ତତ ବିକ୍ଷିପ୍ତ ହୋଇ ପଡ଼ିଥିଲା ।

ଅମିତାଭ କହିଲା, "ଏଇ ପତାକା ଦେଖୁଛ, ଏ ପାକିସ୍ଥାନର ଜାତୀୟ ସଙ୍କେତ ।"

ହନିମାଷ୍ଟର ନମାଜ ପଢ଼ିବା ପାଇଁ, ହାତ ଧୋଇ, ସେହି ସମାଧି ପାଖକୁ ଲମ୍ବା ଲମ୍ବା ପାଦ ପକାଇ ଚାଲି ଯାଉଥିଲା । ନମାଜ ଶେଷ ହେଲେ, ସେ ଦରବେଶ୍ ଦୁଇଜଣ ଏଠାରେ ଦୋକାନ ପିଣ୍ଡାରେ ଆସି ମଧ୍ୟ ଜୁଟିବେ । ସେମାନେ ଯେ ସ୍ଥାନୀୟ ଅଧିବାସୀ ନୁହନ୍ତି, ତାହା ସେମାନଙ୍କ ବେଶଭୂଷାରେ ସୁସ୍ପଷ୍ଟ ଥିଲା । ଦେହର କଳା ଆଲଖାଲ୍ଲା, ବେକରେ ନାନାରଙ୍ଗର କାଚମାଳି, ମୁଣ୍ଡରେ କାନ୍ଧ ପର୍ଯ୍ୟନ୍ତ ଲମ୍ବି ଆସିଥିବା ବାବୁରିବାଳ ଓ ମୁହଁରେ ଲମ୍ବା ଅଯତ୍ନବିନ୍ୟସ୍ତ ଦାଢ଼ି-ସବୁ ମିଶି ସେମାନଙ୍କ ଚେହେରାକୁ ରହସ୍ୟାବୃତ୍ତ କରି ରଖିଥିଲା ।

ଦୋକାନୀ ସେହି ସମାଧିସ୍ଥାନ ଆଡ଼େ ଚାହିଁ ଭାବୁଥିଲା, ହନି ମାଷ୍ଟର ଦେଶାନ୍ତରୀ ହେବା ପରେ, ତା' ର ଭିଅଖଣ୍ଡକୁ ମିଶାଇ ଏ ଜାଗାଟି ଦଖଲ କରିବା ପାଇଁ ଅତୀତରେ ତା' ର ବହୁ ବ୍ୟର୍ଥଚେଷ୍ଟାର କଥା । ସାହିର ହିନ୍ଦୁ ଲୋକେ ସୁଦ୍ଧା ସେଥିରେ ବାଧା ଦେଲେ! ପୀରସ୍ଥାନ ସେମାନଙ୍କ ପକ୍ଷରେ ସୁଦ୍ଧା ପବିତ୍ର! ଏହି ସମୟରେ କେଉଁଆଡୁ ହଠାତ୍ ଅନହୁତି ପରି ହନି ମାଷ୍ଟର ଦିନେ ଆସି ପହଞ୍ଚି ସେଠାରେ ପୁଣି ଦର୍ଜି ଦୋକାନ ଆରମ୍ଭ କରିଦେଲା ।

ଦୋକାନୀ ମଧ୍ୟ ଏ ସାହିର ଜଣେ ବିଶିଷ୍ଟ ରାଜନୀତିକ ମୁଖପାତ୍ର । ନିର୍ବାଚନବେଳେ ଏହି ରେସ୍ତୁରାଁରେ ହିଁ ଏ ସାହିର ଭୋଟ ନିଷ୍ପତ୍ତି ହୋଇଥାଏ ।

ସେ ଅଭିଯୋଗର କଣ୍ଠରେ କହିଲା... "ସରକାର ତ ନାହିରେ ତେଲ ଦେଇ ପଡ଼ିଛନ୍ତି! ଖବରକାଗଜବାଲାମାନେ ବି ଚୁପ୍! ଏଣେ ଗୁପ୍ତଚରମାନେ ଆମ ଦାଣ୍ଡ ଦୁଆରେ, ଘରଭିତରେ! ଆପଣ ଜାଣନ୍ତି ହନି ମାଷ୍ଟର ଦୋକାନ ଭିତରେ ହାତବୋମା, ୱାରଲେସ, ବନ୍ଧୁକ ସବୁ ମହଜୁଦ ହୋଇଅଛି! ଇସାରା ମିଳିଲେ ହିଁ, ସେମାନେ ଦେଖିଲା କାମ ଆରମ୍ଭ କରିଦେବେ ।"

ଅମିତାଭ ଗଭୀର ଭାବରେ ସିଗାରେଟରୁ କଳେ ଧୂଆଁ ଛାଡ଼ି କହିଲା... "ମୋର ମଧ୍ୟ ଠିକ୍ ସେହି ସନ୍ଦେହ । ତା' ନ ହେଲେ ସେ ହଠାତ୍ ପାକିସ୍ଥାନ ଛାଡ଼ି ଏଠାକୁ ପଳାଇ ଆସିଥାନ୍ତା କାହିଁକି? ଏ ସାଂଘାତିକ ଲୋକଟା ଉପରେ କିନ୍ତୁ ବରାବର କଡ଼ା ନଜର ରଖିଥିବ ।"

ସେହି ସାଂଘାତିକ ଲୋକ, ଅର୍ଥାତ୍ ହନି ମାଷ୍ଟରର ନମାଜ ପଢ଼ା ସେତେବେଳକୁ ଶେଷ ହୋଇଥିଲା । ଦରବେଶ୍‌ମାନଙ୍କ ପଛେ ପଛେ, ସେ ନୀରବରେ ଅଶରୀରୀ ଛାୟା ପରି ସମାଧି ବେଦୀ ଉପରୁ ଓହ୍ଲାଇ ଦୋକାନ ଭିତରକୁ ଆସୁଥିଲା ।

ଅମିତାଭ ରେସ୍ତୁରାଁ ବାହାରେ ଅପେକ୍ଷା କରିଥିବା ସ୍କୁଟର ଉପରେ ଏକ ଲମ୍ଫ ଦେଇ, ପଛରେ ଧୂଳିର ଘୂର୍ଣ୍ଣି ଉଡ଼ାଇ, ଗଳି ମୋଡ଼ରେ ଝଡ଼ପରି ଅଦୃଶ୍ୟ ହୋଇଗଲା ।

ଘ ଘ ଘ

ହେୟାର କ୍ଲିପରରେ ବାଳକଟାର ଏକ ଟଣା ଶବ୍ଦ ଓ ନାପିତ୍‌ର ଅଭ୍ୟସ୍ତ ହାତର ମୋଲାୟମ ସାଉଁଳା ଭିତରେ, ଅମିତାଭର ଦୁଇ ଆଖି ମୁଦି ହୋଇ ଆସୁଥିଲା । କ୍ଲିପର୍ ବନ୍ଦକରି, କଇଁଚି ଲଗାଇଲାବେଳେ, ହଠାତ୍ କଇଁଚିର ତୀକ୍ଷ୍ଣଧାର, ଚମଡ଼ାରେ ଲାଗି ଯିବାରୁ, ଏକ ବେଦନାର ଶିହରଣରେ, ଅମିତାଭ ଦୁଇ ଆଖି ବିସ୍ଫାରିତ କରି, ଚଉକୀ ଉପରେ ସିଧା ହୋଇ ବସିପଡ଼ିଲା ।

ସାମ୍‌ନା କାନ୍ଥ ଅଇନାରେ ନିଜର ପ୍ରତିମୂର୍ତ୍ତି ଦେଖି, ଅମିତାଭ ମୁଗ୍ଧ ହୋଇ ଉଠୁଥିଲା । ସାଲୁନ କାନ୍ଥରେ ଝୁଲୁଥିବା "ଅକ୍‌ସଫୋର୍ଡ କଟିଙ୍ଗ" , ବାଳକଟା ଚିତ୍ରରେ, ସାର୍ଟ ଓ ଟାଇ ପିନ୍ଧା ସୁଦର୍ଶନ ବ୍ୟକ୍ତିଟିର କେଶକର୍ତ୍ତନଶୈଳୀ ସହିତ ନିଜର କେଶକର୍ତ୍ତନ ରୀତି ତୁଳନା ଓ ବିଶ୍ଳେଷଣ କରୁଥିଲା ।

ମାତ୍ର ନିଜର ନିଜେ ସମ୍ମୁଖୀନ ହେବାପାଇଁ, ଅମିତାଭ ସବୁବେଳେ ଭୟ କରେ । ସେଥିପାଇଁ ମୁଣ୍ଡ କୁଣ୍ଡାଇବାବେଳେ, ଏପରିକି ହାତରେ ଖିଅର ହେବାବେଳେ ସୁଦ୍ଧା, ସେ କ୍ୱଚିତ୍ ଦର୍ପଣ ବ୍ୟବହାର କରିଥାଏ । ତାହାର ଆଙ୍ଗୁଳିଗୁଡ଼ିକ ଯେପରି ଷଷ୍ଠେନ୍ଦ୍ରିୟସମ୍ପନ୍ନ, ମୁଣ୍ଡ ଉପରେ ଥରେ କେବଳ ଆଙ୍ଗୁଳି ବୁଲାଇ ସେ ସୂକ୍ଷ୍ମତମ କେଶଟିର ବିଶୃଙ୍ଖଳା ଲକ୍ଷ୍ୟକରି ତାହାକୁ ସଂଯତ କରିପାରେ । ଗାଲ ଉପରେ ଅଙ୍ଗୁଳି ଚଳାଇ ସେପ୍‌ଟି ରେଜରର ଦାଢ଼ରୁ ବର୍ତ୍ତିଥିବା କ୍ଷୁଦ୍ରତମ ଦାଢ଼ି ଅଂଶଟିକୁ ସୁଦ୍ଧା ସେ ସନ୍ଧାନ କରିପାରେ ।

ଦର୍ପଣରେ, ଅମିତାଭର ଦୁଇ ଆଖି ପ୍ରାଗୈତିହାସିକ ଗହ୍ୱର ମଧ୍ୟରୁ ଦୁଇଟି ହିଂସ୍ର, କ୍ଷୁଧିତ, ଜ୍ୱଳନ୍ତ ଅଗ୍ନି ପିଣ୍ଡୁଳାପରି ଦିଶୁଥିଲା । ଆଖିତଳେ ଗୋଟିଏ ଗଭୀର କଳାରେଖା ଆଖିର କ୍ଷୁଧିତ ହିଂସତାକୁ ରେଖାଙ୍କିତ କରି ଦେଇଥିଲା । ଆଖି କୋଣରେ କୁଞ୍ଚିତ ରେଖାଗୁଡ଼ିକ ଅମିତାଭର ଆଖି ଦୁଇଟିକୁ ଏକ ଅବର୍ଣ୍ଣନୀୟ ଆଦିମତାରେ କଠୋର କରି ଦେଇଥିଲା ।

କିନ୍ତୁ ଦିନେ ଏହି ଆଖି ଦୁଇଟି ଅମିତାଭର ବ୍ୟକ୍ତିତ୍ୱର ଥିଲା ଶ୍ରେଷ୍ଠ ଆକର୍ଷଣ ।

ନନ୍ଦିତା ସେଦିନ କ' ଣ ଏହି କୋଟରଗତ ଆଖି ଉପରେ, ଏହି କୁଞ୍ଚିତ ଆଖିପତା ଉପରେ ବାରମ୍ବାର ଚୁମ୍ବନ ଦେଇ କହିଥିଲା... "ତମର ଏ ଆଖି, ଆଖି ନୁହେଁ, ଉଚ୍ଛଳ ପାନପାତ୍ର!"

ବେକ ପଛରେ କ୍ଷୁର ଚଳାଇବାବେଳେ, ଯେଉଁଠାରେ କ୍ଷୁରର ଧାର ଲାଗି ଯାଇଥିଲା, ସେଠାରେ ଲୋସନ୍ ଦେବା ମାତ୍ରେ ସେହି ଅଂଶ ସବୁ ପୋଡ଼ି ଉଠୁଥିଲା ।

ନନ୍ଦିତାର ସ୍ମୃତି ମଧ୍ୟ, ମର୍ମଭୂମିର ଏକ ସ୍ପର୍ଶକାତର କୋମଳ ସ୍ଥାନରେ କ୍ଷୁରଧାର ପରି ଲାଗି ଯାଉଥିଲା ।

ବହୁବର୍ଷ ତଳର ଗୋଟିଏ ରାତ୍ରି...

-ନିଦ୍ରିତ ସହର...ମୂର୍ଚ୍ଛିତ ରାସ୍ତା... ଆକାଶରେ ଫିକା ଜହ୍ନ ଓ ରାସ୍ତାର ବତୀଖୁଣ୍ଟରେ ଇଲେକ୍ଟ୍ରିକ୍ ଆଲୁଅ ସୁଦ୍ଧା ରାତିର ନିଶୁତି ଭିତରେ ଝିମେଇ ପଡ଼ିଥିଲା । ଅମିତାଭ ସେହି ମୂର୍ଚ୍ଛିତ ରାସ୍ତା ଓ ମଳିନ ଆଲୋକରେ ପ୍ରେତଛାୟା ପରି ଏ ପାଖରୁ ସେପାଖ ପଦଚାରଣା କରୁଥିଲା, ଆଉ ବୁଲି ବୁଲି ଚାହୁଁଥିଲା, ସାମ୍ନା ଫ୍ଲାଟର ଉପର ମହଲାରେ ଗୋଟିଏ ଅନ୍ଧାର କୋଠରୀ ଆଡ଼େ ।

ହଠାତ୍ ମୁଣ୍ଡ ବିନ୍ଧିବାର ଛଳନା କରି, ନନ୍ଦିତା ସେଦିନ ଅମିତାଭ ସହିତ ସନ୍ଧ୍ୟାରେ ବାହାରିବାର ପ୍ରୋଗ୍ରାମ, ଶେଷ ମୁହୂର୍ତ୍ତରେ କାଟି ଦେଇଥିଲା । ଅମିତାଭ କିନ୍ତୁ ମନେମନେ କଳ୍ପନା କରି ଆସିଥିଲା, ଆଲୁଳାୟିତକେଶା, ବିବର୍ଣ୍ଣମୁଖୀ ନନ୍ଦିତାର ମଳିନ କପାଳ ଉପରେ ସ୍ପର୍ଶାତୁର ଅଙ୍ଗୁଳି ଚଳାଇ ପଚାରିବା ପାଇଁ... “କିପରି ଅଛ ନନ୍ଦିତା?”

ମାତ୍ର, ଅମିତାଭ ଗୋଟିଏ ଗୋଟିଏ ପଦକ୍ଷେପରେ ଏକାଥରେ ଦୁଇପାହାଚ ତିନି ପାହାଚ, ସିଡ଼ି ଅତିକ୍ରମ କରି ଫ୍ଲାଟ ଦୁଆରେ ପହଞ୍ଚିବା ପରେ, ସେଠାରୁ ତାକୁ କିଏ ଯେପରି ଏକ ନିଷ୍ଠୁର ଧକ୍କାରେ ତଳକୁ ଠେଲି ଫିଙ୍ଗି ଦେଇଥିଲା ।

ଫ୍ଲାଟ ଦୁଆରେ ଝୁଲୁଥିଲା, ଗୋଟିଏ ବୀଭତ୍ସ ଅଶ୍ଳୀଳ ତାଲା!

ନନ୍ଦିତାର ଜଣେ ପ୍ରତିବେଶିନୀ- ଟେଲିଫୋନ ଏକ୍ସଚେଞ୍ଜରେ ଅପରେଟର- ରାତି ଡିଉଟିରେ ବାହାରିବାବେଳେ, ସିଡି ପାହାଚରେ କିଂକର୍ତ୍ତବ୍ୟବିମୂଢ଼ ଅମିତାଭକୁ ଦେଖି ମୁହଁରେ କୌତୁକୋଜ୍ଜ୍ୱଳ ହସର ଗୋଟିଏ ରେଖା ଫୁଟାଇ କହିଲେ... “ନନ୍ଦିତା ଏଇ ଅଳ୍ପ ପୂର୍ବେ ବାହାରକୁ ଚାଲିଗଲେ ।”

ଏକା ନା କାହା ସାଥୀରେ, ପଚାରିବା ପାଇଁ ଅମିତାଭ ମନରେ ସାହସ ଖୋଜି ପାଇଲା ନାହିଁ ।

ରାସ୍ତାକଡ଼ର ଗୋଟାଏ ଘର ଭିତରୁ କାନ୍ଥଘଣ୍ଟାରେ ରାତି ଦୁଇଟା ବାଜିବାର ଶବ୍ଦ, ରାତିର ନିଶୁତି ଭିତରେ ପୁଣି ନୀରବ ହୋଇ ଯାଉଥିଲା । ଗୋଟାଏ କଳାରଙ୍ଗର ଲମ୍ବା ମଟର ଗାଡ଼ି, ମସୃଣ ଗତିରେ ଆସି ରାସ୍ତାର ଅପର ପାଖରେ ବ୍ରେକ କଷି ରହିଗଲା । ଅମିତାଭ, ରାସ୍ତାଧାରରେ କୃଷ୍ଣଚୂଡ଼ା ଗଛର ଝଙ୍କାଳିଆ ଛାଇତଳକୁ ଘୁଞ୍ଚି ଆସିଲା । ସେହି ଆଲୋଡ଼ନହୀନ, ନୈଶ ନିସ୍ତବ୍ଧତା ମଧ୍ୟରେ ଅମିତାଭ ଯେପରି ନିଜ ହୃତ୍‌ପିଣ୍ଡର ଅଶାନ୍ତ ସ୍ପନ୍ଦନ ସ୍ପଷ୍ଟ ଶୁଣି ପାରୁଥିଲା ।

ଗାଡ଼ି ଭିତରୁ ପ୍ରଥମେ ବାହାରି ଆସିଲା ନନ୍ଦିତା । ପିନ୍ଧିଥିଲା ସେହି ଅପରାଜିତା ରଙ୍ଗର ଶାଢ଼ି; ଯେଉଁ ରଙ୍ଗ ଅମିତାଭ ଆବିଷ୍କାର କରିଥିଲା, ନନ୍ଦିତାର ଉଜ୍ଜ୍ୱଳ ଶ୍ୟାମବର୍ଣ୍ଣ ଦେହରେ ମସୃଣତାକୁ ଏକ ନୂତନ ଲୋଭନୀୟତାରେ ପ୍ରଲିପ୍ତ କରିଦେବାପାଇଁ ।

ନନ୍ଦିତା ପଛେ ପଛେ ଗାଡ଼ି ଭିତରୁ ବାହାରି ଆସିଲା, କ୍ରିକେଟ ଖେଳାଳୀ, ସୌଖୀନ, ଧନୀର ଦୁଲାଲ ଇସ୍‌ମାଇଲ । ତା ’ ର ଲମ୍ବା ରୁଜୁ ଦେହ, ଓଠତଳେ ଫ୍ରେଞ୍ଚକଟ୍ ଦାଢ଼ି, ଅସ୍ପଷ୍ଟ ଚନ୍ଦ୍ରାଲୋକରେ ସ୍ପଷ୍ଟ ବାରି ହେଉଥିଲା ।

ଇସ୍‌ମାଇଲ କ୍ଳାନ୍ତ କଣ୍ଠରେ କହିଲା... “ଗୁଡ୍ ନାଇଟ୍ ।”

ପରିତୃପ୍ତ, ହାସ୍ୟୋଜ୍ଜ୍ୱଳ, ମସୃଣ କଣ୍ଠରେ ନନ୍ଦିତା ହାଇ ମାରି କହିଲା... “ଗୁଡ୍ ମର୍ଣ୍ଣିଙ୍ଗ୍” ।

ରାତି ସେତେବେଳକୁ ଦୁଇଟା ବାଜି ସାରିଥିଲା!

ଇସମାଇଲ୍ ହସି ହସି କହିଲା... "ଗୁଡ୍ ମର୍ଣ୍ଣିଙ୍ଗ" !

ଇସ୍‌ମାଇଲ୍‌ର ଗାଡ଼ି ତା' ପରେ ଏକ ଅଶାନ୍ତ ଝଡ଼ ପରି ରାସ୍ତା ମୋଡ଼ରେ ଅଦୃଶ୍ୟ ହୋଇଗଲା ।

ନନ୍ଦିତାର ଫ୍ଲାଟରେ ଆଲୁଅ ପୁଣି ଜଳି ଉଠିଲା ।

ଅମିତାଭ ସିଡ଼ି ପର୍ଯ୍ୟନ୍ତ ଆସିଥିଲା, ସିଡ଼ି ଉପରକୁ ଉଠୁଥିଲା, ନନ୍ଦିତାର ଦରଜାରେ ଆଘାତ କରିବା ପାଇଁ ମନେ ମନେ ପ୍ରସ୍ତୁତ ହେଉଥିଲା; କିନ୍ତୁ ତନ୍ଦ୍ରାଚ୍ଛନ୍ନ ପରି ସେ ପୁଣି ପାଦ ଫେରାଇ ଧୀରେ ଧୀରେ ସେଠାରୁ ଫେରି ଆସିଲା ।

ବାଁପଟ କାନମୁଣ୍ଡା ଉପରେ କଇଁଚୀ ଚଳାଇବା ପାଇଁ, ନାପିତ ଅପେକ୍ଷା କରି ରହିଥିଲା । ମାତ୍ର ଅମିତାଭ ଆତ୍ମବିସ୍ମୃତ ପରି, ମୁଣ୍ଡ ନ ଫେରାଇ ପାଷାଣର ମୂର୍ତ୍ତି ପରି ବସି ରହିଥିବାରୁ, ନାପିତ ନିଜ ହାତରେ ଅମିତାଭର ମୁଣ୍ଡଟା ବୁଲାଇ ଦେବାବେଳେ, ତାହାର ସ୍ମୃତିର ତନ୍ଦ୍ରା ଭାଙ୍ଗିଗଲା ।

ଅମିତାଭ କହିଲା... "କ୍ଲୋଜ୍-କ୍ରପ୍‌ଡ କରି କାଟିବ ।"

ବାଁପଟ କାନ୍ଥରେ, ଏକ ରଙ୍ଗୀନ ସିନେମା-ମାଗାଜିନ ପୃଷ୍ଠାରେ କେଉଁ ଏକ ଅଭିନେତ୍ରୀର ଛବି, ପିନ୍‌କଣ୍ଟାରେ ଝୁଲୁଥିଲା.... ମସୃଣ, ସବୁଜ ଘାସ ଉପରେ ତଳକୁ ମୁହଁମାଡ଼ି, ନିତମ୍ବ ଓ ଜଘନର ତରଙ୍ଗ ଖେଳାଇ ଘାସ ଉପରେ ମୁହଁ ରଖି ଅଳସରେ ଦେହ ଢାଳି ଶୋଇବାର ଛବି.....

ନାପିତର ପିନ୍-ଅପ୍ ଗାଲ!

ଅମିତାଭ ସେ ଆଡୁ ମୁଣ୍ଡ ଫେରାଇ ନେଲା ।

ଘ ଘ ଘ

ରେଡିଓରେ କୌଣସି ଜନନେତାଙ୍କ ଭାଷଣ ପ୍ରସାରିତ ହେଉଥିଲା... ଶାନ୍ତି ମୈତ୍ରୀ ଓ ସଂପ୍ରୀତିର ଉଦ୍‌ବୋଧନ... ବୁଦ୍ଧ, ଗାନ୍ଧୀ ଓ ଭାରତୀୟ ସଂସ୍କୃତି ପ୍ରଭୃତି ଲକ୍ଷାଧିକବାର ଉଚ୍ଚାରିତ କେତେକ ଶବ୍ଦର ଅର୍ଥହୀନ ରୋମନ୍ଥନ....

ଅମିତାଭର ଆଖି ଆଗରେ ପୁଣି ଭାସି ଉଠୁଥିଲା, ବହୁ ମହାନଗରୀର ପଥେ ପଥେ, ବହୁ ସମ୍ଭ୍ରାନ୍ତ ଶୀତାତପ ନିୟନ୍ତ୍ରିତ ରୋଷ୍ଟୁରାଁ ହୋଟେଲ ଓ ସିନେମାର ପ୍ରେକ୍ଷାଳୟ ସାମ୍‌ନାରେ, ବହୁ ଅଭିଜାତ ବିପଣୀର କାଚ-ଅଣ୍ଡା "ସୋ କେସ" ବାହାରେ, ଶୂନ୍ୟ ଦୃଷ୍ଟିରେ ବୁଲୁଥିବା ଗୋଟିଏ ଅତୃପ୍ତ ଯୁବକର କ୍ଷୁଧିତ ଚିତ୍ର ।

ଆଃ... ଜୀବନରେ ଆଜି ପରସ୍ତ ହୋଇ ଜମି ଯାଉଛି ଅନେକ ଗ୍ଲାନି, ଅକଳିତ ବ୍ୟର୍ଥତା, ଅତୃପ୍ତି, ଅଶାନ୍ତି, ସ୍ୱର୍ଶ-କାତରତା ହୀନ ଅଥର୍ବ ମେଦ ଓ କଳଙ୍କି । ଏସବୁ ଛଡ଼ାଇବା ପାଇଁ ଲୋଡ଼ା ଯୁଦ୍ଧ, ଅନ୍ତର୍ବିପ୍ଳବ, ରକ୍ତସ୍ନାନ! ଏକ ଅଗ୍ନ୍ୟଦ୍‌ଗାର ହିଁ କେବଳ ଜୀବନ ଓ ପରିବେଶରୁ ଏ ଜଞ୍ଜାଳ ସବୁ ଜାଳି ପୋଡ଼ି ତାକୁ ପୁଣି ଶୁଭ୍ର ଓ ନିଷ୍କଳଙ୍କ କରିଦେଇ ପାରିବ ।

ଜନନେତା କହୁଥିଲେ- "ଶାନ୍ତି ଓ ମୈତ୍ରୀ ପାଇଁ ସାଧନାର ଇତିହାସ ... ଭାରତର ଇତିହାସ ।"

ଅମିତାଭ ଉନ୍ମାଦ ପରି ଚିତ୍କାର କରି ଉଠିଲା.... "ବାଜେ ବାଜେ, ସବୁ ବାଜେ କଥା I ଶାନ୍ତିର ଅର୍ଥ ମିଥ୍ୟା ସହିତ ସାଲିସ, ଶୋଷଣ ସହିତ ବୁଝାମଣା, ଲୁଣ୍ଠନ ସହିତ ସହାବସ୍ଥାନ!"

ନିଜ ଜୀବନର ଅକଳିତ ବ୍ୟର୍ଥତା, ଅମିତାଭର ଦୃଷ୍ଟିରେ ହଠାତ୍ ଏକ ଜାଗତିକ ସତ୍ତା ଲାଭ କରିଥିଲା I ଏକ ହିଂସ୍ର ବିସ୍ଫୋରଣ ମଧ୍ୟରେ ସେ ଚାହୁଁଥିଲା ଜୀବନର ସବୁ ବ୍ୟର୍ଥତା ଓ ଗ୍ଲାନି ନିଶ୍ଚିହ୍ନ କରିଦେବା ପାଇଁ I

ନାପିତ ବିସ୍ମିତ ଦୃଷ୍ଟିରେ ଅମିତାଭ ଆଡ଼େ ଚାହିଁ ପଚାରୁଥିଲା... ଦାଢ଼ି କାଟିବ କି ନାହିଁ!

ଫ ଫ ଫ

ରାତି ନିଶୂନ ହୋଇ ଆସିଥିଲା I ଛିଣ୍ଡା ଛିଣ୍ଡା ବଉଦର ମାଛକାତିଆ ଆକାଶରେ, ଟୁକୁରାଏ ଆକୃତିହୀନ ଚନ୍ଦ୍ର ଭାସି ଭାସି ଯାଉଥିଲା I

ସୁଲେମାନ୍ ଦରବେଶ୍, ଶିମିଳୀ ମୂଳେ, ସେହି ସମାଧି ପାଖରେ ବସି ଏକତାରା ବଜାଉଥିଲା I ହନି ମାଷ୍ଟରର ଦୋକାନ ପଛରେ, ଅଖାର ପର୍ଦ୍ଦା ଢାଙ୍କି, ପାରାଭାଡ଼ି ପରି କୋଠରୀଟି ଭିତରେ, କେତେଜଣ ଏକାଠି ଜମିଥିଲେ I ଚାପାକଣ୍ଠରେ ସେମାନଙ୍କ କଥାବାର୍ତ୍ତା, ରାତ୍ରିର ସ୍ତବ୍ଧତା ମଧ୍ୟରେ ବେଳେ ବେଳେ ଶୁଭୁଥିଲା I ହନିମାଷ୍ଟର ଦୋକାନ ବାହାରେ ଖଣ୍ଡେ ଟୁଲ ପକାଇ ବସିଥିଲା I ଅଶରୀରୀ ଛାୟା ପରି ଗୋଟିଏ ଗୋଟିଏ ମୂର୍ତ୍ତି, ସେହି ଦୋକାନ ଘର ଭିତରକୁ ବେଳେ ବେଳେ ଯାଉଥିଲେ, ପୁଣି ଫେରି ଆସୁଥିଲେ I

ରାତି ବୀଟ୍‌ର ଦୁଇଜଣ କନେଷ୍ଟବଲ, ଭାରୀ ବୁଟ ଯୋତା ମିଶା ପାଦରେ ମଚ୍ ମଚ୍ ଶବ୍ଦ କରି ସେହିବାଟେ ଚାଲିଗଲେ I ହନି ମାଷ୍ଟର ଟୁଲ ଉପରୁ ଭିତରକୁ ଉଠିଆସି, କନେଷ୍ଟବଲ ଦୁଇଜଣ ଗଳି ମୋଡ଼ରେ ଅଦୃଶ୍ୟ ନ ହେବା ପର୍ଯ୍ୟନ୍ତ ସନ୍ତର୍ପିତ ସାବଧାନତାରେ ସେମାନଙ୍କ ଆଡ଼େ ଚାହିଁ ଠିଆ ହୋଇ ରହିଲା I ଦୋକାନ ଭିତରୁ ଚେନାଏ ଲଣ୍ଠନ ଆଲୁଅ ରାସ୍ତା ଉପରେ ତେରଛା ହୋଇ ପଡ଼ିଥିଲା I

ସୁଲେମାନ୍ ଦରବେଶ୍ ଏକତାରାରେ ଗୋଟିଏ ବିଚିତ୍ର ରାଗିଣୀ ବିଳାପ କରି ଉଠୁଥିଲା... ଗୋଟିଏ ମର୍ମଭେଦୀ, ଉଷ୍ଣ ଦୀର୍ଘଶ୍ୱାସ ଯେପରି କେଉଁ ପ୍ରିୟତମାର କର୍ଣ୍ଣମୂଳରୁ ଚୂର୍ଣ୍ଣ କୁନ୍ତଳରାଶି ମଧ୍ୟରେ ମରିଯିବା ପାଇଁ ବ୍ୟାକୁଳ ଭାବରେ ଖୋଜି ଖୋଜି ବୁଲୁଥିଲା I

ହନି ମାଷ୍ଟର ଠିକ୍ ଏହି ଅଶାନ୍ତି ରାଗିଣୀ ପରି, ପୂର୍ବ ପାକିସ୍ଥାନର କେତେ ଅଜଣା ସହର ଓ ଜନପଦଠାରୁ, ଭାରତରେ ଏହି ଛୋଟ, ନିଦୁଆଳୀ ସହରର ଅନ୍ଧାର ଗଳି ପର୍ଯ୍ୟନ୍ତ, ଅତୀତର ଅଠରଟି ବର୍ଷ ଧରି କ'ଣ ଯେପରି ଖୋଜି ଖୋଜି ବୁଲିଅଛି, ମାତ୍ର କେଉଁଠାରେ ତାହାର ସନ୍ଧାନ ତଥାପି ପାଇନାହିଁ! ଢାକ୍କା... ସୁଲତାନ୍ ଗଞ୍ଜ.... ଖୁଲନା... ଯେଶୋର.... ମୈମନ୍ ସିଂହ.... ନାରାୟଣଗଞ୍ଜ.... ଚିଟାଗଙ୍ଗ୍.... ଦେଶବିଭାଗ ପରେ, ବହୁ ସହରରେ ସେ ଅନୁସନ୍ଧାନ କରି ବୁଲିଛି, ଜୀବନର ଉତ୍ସମୂଳ I କେଉଁଠି ହୁଏତ ସେ ପାଇଛି ଆଶ୍ରୟ, କେଉଁଠାରେ ଅବା ପାଇଛି ଅବଲମ୍ବନ, ମାତ୍ର କୌଣସିଠାରେ ସେ ପାଇନାହିଁ ଜୀବନର ସେହି ଉତ୍ସମୂଳ! ସବୁଠାରୁ ସେ ଅନୁଭବ କରିଅଛି, ନିଜକୁ ଏକାନ୍ତ ନିଃସଙ୍ଗ, ଏକାନ୍ତ ଅବାଂଛିତ , ଏକାନ୍ତ ଅପରିଚିତ ଓ ଏକାନ୍ତ ଆଗନ୍ତୁକ ପରି I

ହନିମାଷ୍ଟର୍ ନାମଟା ତ ପ୍ରଥମେ ପରିହାସ ଓ ଉପହାସର ବିଷୟ ହୋଇ ପଡ଼ିଥିଲା I ତା' ଛଡ଼ା ହନିମାଷ୍ଟରର ଉର୍ଦ୍ଦୁ ଉଚ୍ଚାରଣ, ପୁଣି ପୂର୍ବପାକିସ୍ଥାନୀ ବଙ୍ଗଳା କହିବାର ଭଙ୍ଗୀ ମଧ୍ୟ ତାକୁ ସେଠାରେ ଅପାଙ୍‌କ୍ତେୟ କରି ଦେଇଥିଲେ I ଯେଉଁ ହନିମାଷ୍ଟର୍ ଦିନେ ଥିଲା, ଏକ ଅନୁଷ୍ଠାନ, ନୂତନ ପରିବେଶ ଓ ସମାଜରେ ସେ ଏକ ଅବିହେଳିତ ଓ ଉପେକ୍ଷିତ ବ୍ୟକ୍ତିତ୍ୱରେ ପରିଣତ ହୋଇ ପଡ଼ିଥିଲା I ପୁଣି ହନିମାଷ୍ଟର୍ ହାତରେ ଯେଉଁ କଟିଙ୍ଗ୍ ଏକଦା ସୌଖୀନ ଓ କଳାବନ୍ତ ରୂପେ ବିବେଚିତ ହେଉଥିଲା, ତାହା ମଧ୍ୟ ଏଠାରେ ନିତାନ୍ତ ଗ୍ରାମ୍ୟ ଓ ଅମାର୍ଜିତ ରୂପେ ଉପେକ୍ଷିତ ହୋଇ ପଡ଼ିଥିଲା I

ହନିମାଷ୍ଟର ବଞ୍ଚିବାର ଅବଲମ୍ବନ ପାଇଁ, କିଛିଦିନ ବୁଲାବିକାଳୀ ସାଜି ଲୁଗା ଗଣ୍ଠିରା ପିଠିରେ ବୋହି, ବହୁ ଅଞ୍ଚଳ ବୁଲିଲା । ସେହିପରି ବୁଲୁ ବୁଲୁ, ସେ ପୂର୍ବବଙ୍ଗଳାର ସୀମା ଅତିକ୍ରମ କରି, ଦିନେ ଆସିଥିଲା ଆସାମ ଭିତରକୁ । ଆସାମରୁ ଆସିଥିଲା ପୁଣି ପଶ୍ଚିମ-ବଙ୍ଗଳା । ସେଠାରୁ ଲୁଚି ଲୁଚି ସେ ପଳାଇ ଆସିଥିଲା ଏହି ସହରକୁ । ତାହାର ପାସ୍‌ପୋର୍ଟ ଅଥବା ଭିସା ନ ଥିଲା । ସେ ପୁଣି ଜାଣି ନ ଥିଲା, ସେ କେଉଁ ଦେଶର ନାଗରିକ! ସେ ଆସିଥିଲା ବ୍ୟାଧଗ୍ରସ୍ତ ପଶୁପରି ଭୟରେ, ସନ୍ତର୍ପଣରେ, ଲୁଚି ଲୁଚି, ଦିନରେ ଆତ୍ମଗୋପନ କରି, ରାତିରେ ପୁଣି ବାଟ ଚାଲି... ଶୁଖିଲା ପତ୍ରପରି ଉଡ଼ି ଉଡ଼ି!

ସେହିଦିନୁ କୌଣସି ପୁଲିସ ଅଥବା ସରକାରୀ ଲୋକ ଦେଖିଲେ ହନି ମାଷ୍ଟର ଆତଙ୍କିତ ହୋଇପଡ଼େ । ଏକ ଅହେତୁକ ଆଶଙ୍କା ଓ ଆତଙ୍କରେ ସେହି ଦିନୁ ତାହାର ଅବଚେତନ ଆଚ୍ଛନ୍ନ ହୋଇପଡ଼ିଥିଲା । ଅକାରଣରେ ଏଣେ ତେଣେ ସନ୍ତର୍ପଣରେ ଚାହିଁବା, ତାହାର ଏକ ଅଭ୍ୟାସରେ ପରିଣତ ହୋଇ ପଡ଼ିଥିଲା । ଏଠାରେ ମଧ୍ୟ ସେ ରହିଥିଲା ଯେପରି ସେହି ପ୍ରଚ୍ଛନ୍ନ ଅଜ୍ଞାତବାସରେ!

ହନି ମାଷ୍ଟର ଭାବୁଥିଲା...

ଏଇ ଦେଶ, ଏଇ ମାଟି, ତା' ର ଜୀବନର ଉତ୍ସମୂଳ! ମାତ୍ର ଏଠାରୁ ତାକୁ ନିର୍ବାସିତ କଲା କିଏ? ଏଠି ତାକୁ ଅଜ୍ଞାତବାସର ଦୈନ୍ୟ ଓ ଅଭିଶାପ ଦେଲା କିଏ? ଏ ଦେଶକୁ ବିଭାଗ କଲା କିଏ?

ଏ ସବୁ ବିଭ୍ରାନ୍ତିକର ଜଟିଳ ପ୍ରଶ୍ନ... ହନି ମାଷ୍ଟର କେବେ ତା' ର କୌଣସି ଉତ୍ତର ଖୋଜି ପାଇନାହିଁ! ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁ ତା' ର ମନେ ହୋଇଛି, ଏକ ନୀଚ ଷଡ଼ଯନ୍ତ୍ର ପରି । ଆଜି କିନ୍ତୁ ହନି ମାଷ୍ଟର ସ୍ୱସ୍ତିର ଦୀର୍ଘ ନିଃଶ୍ୱାସ ପକାଇ ଭାବୁଥିଲା, ଯାହା ହେଉ ପଛେ; ରାତ୍ରି ଆଉ କେଉଁଠାରେ ଏପରି ନିବିଡ଼ ନୁହେଁ, ଆକାଶ ଏପରି ତାରଖଚିତ ନୁହେଁ, ପବନ ଏପରି ଶୀତଳ, କୋମଳ ନୁହେଁ!

ଏଇ ତା' ର ମାତୃଭୂମି... ତା' ର 'ବେହସତ୍' !

ଘ ଘ ଘ

"ସ୍ୱଦେଶ-ମିତ୍ର' ର ସକାଳ-ସଂସ୍କରଣରେ ବଡ଼ ବଡ଼ ହରଫ୍‌ରେ ଚାଞ୍ଚଲ୍ୟକାରୀ ଶିରୋନାମା ତଳେ, ହିଂସା ଓ ଘୃଣାର ଫୁଲ୍‌କିଉଡ଼ା ଭାଷାରେ ପ୍ରକାଶ ପାଇଥିଲା, ସହରରେ ପାକିସ୍ଥାନୀ ଗୁପ୍ତଚର-ଚକ୍ର ଓ ତାହାର ସୂତ୍ରଧର ହନି ମାଷ୍ଟରର ଚାଞ୍ଚଲ୍ୟକର ବିବରଣୀ । ରେଷ୍ଟୁରାଁରେ ମାଛି ଅଡ଼େଇ ଅଡ଼େଇ, ରିପୋର୍ଟରେ ଯେଉଁ ପ୍ରାରମ୍ଭିକ ବାକ୍ୟଟି ଅମିତାଭର ଚେତନାରେ ସେଦିନ ସ୍ପନ୍ଦିତ ହୋଇଥିଲା, ସେହି ବାକ୍ୟଟିରେ ଆରମ୍ଭ ହୋଇଥିଲା, ଅମିତାଭର ରିପୋର୍ଟ... ଗୁପ୍ତଚରମାନଙ୍କର ଚକ୍ରାନ୍ତ, ବିନା ଭିସା ଓ ପାସପୋର୍ଟରେ ସେମାନଙ୍କ ଅନୁପ୍ରବେଶ, ହାଣ୍ଡ୍‌ଗ୍ରେନଡ ଓ ଅନ୍ୟ ମାରାତ୍ମକ ଅସ୍ତ୍ରଶସ୍ତ୍ରରେ ସେମାନଙ୍କ ପ୍ରସ୍ତୁତି, ଶାସନର ଉଦାସୀନତା ପୁଣି ଜାତୀୟ ନିରାପତ୍ତାର ସଙ୍କଟ, ଇତ୍ୟାଦି!... "ସହରର ଜନସ୍ୱାସ୍ଥ୍ୟ ଓ ରାଜନୈତିକ ସ୍ୱାସ୍ଥ୍ୟ, ମାଛି ଓ ଗୁପ୍ତଚରମାନଙ୍କ ଦ୍ୱାରା ବିପନ୍ନ!"

ବସ୍‌ଷ୍ଟାଣ୍ଡରେ, ରେଷ୍ଟୁରାଁରେ, ବୈଠକଖାନାରେ, ଦପ୍ତରରେ, ଘରେ, ବାହାରେ ସବୁଠାରେ ତାହାହିଁ ଥିଲା ସହସ୍ର ମୁଖରେ ଆଲୋଚନା ବିଷୟ!

ସକାଳୁ ହନି ମାଷ୍ଟରର ଦୋକାନ ବନ୍ଦ!

ସଶସ୍ତ୍ର ପୋଲିସ ଏକ ୱାୟାର୍‌ଲେସ୍ ଭାନ୍‌ରେ ଚଢ଼ି, "ମାଷ୍ଟର କଟିଙ୍ଗ୍ ଆଣ୍ଡ ଟେଲରିଙ୍ଗ୍" ଦୋକାନରେ ପହଞ୍ଚିବା ପୂର୍ବରୁ, ହନି ମାଷ୍ଟର ସେଠାରୁ ପଳାଇ ସାରିଥିଲା । ବିନା ପାସ୍‌ପୋର୍ଟ ଓ ଭିସାରେ ଏକ ବିଦେଶ ଭୂମିରେ ଧରା ପଡ଼ିବାର ଶାସ୍ତି ତାହାକୁ ଅଜଣା ନ ଥିଲା ।

ମୁସଲମାନ ବସ୍ତିରେ କେତେଟା କୁକୁଡ଼ା ସେଇ ମାତ୍ର ରାବିବା ଆରମ୍ଭ କରିଥିଲେ I ଶିମିଳୀ ଗଛ ଉପରେ ପୂର୍ବର ରଙ୍ଗା ଆକାଶରେ ପାହାନ୍ତି ତାରା ମହଳ ପଡ଼ି ଆସୁଥିଲା I

ଏଇ ତା' ର ଜନ୍ମମାଟି... ଏହି ଶିମିଳୀଗଛ ପରି ସେ ମଧ୍ୟ ଏଠାରେ ବଢ଼ିଥିଲା ଏହି ଉଦାର, ସୁବିସ୍ତୃତ ଆକାଶ ତଳେ I ଆଜି ଶିମିଳୀର ଶାଖାରେ ଶାଖାରେ ରାଶି ରାଶି ଲାଲ ଫୁଲର ସ୍ତବକ I ସେ କିନ୍ତୁ ଏଠାରୁ ବିଦାୟ ନେଉଥିଲା, ରାତ୍ରିର ଦସ୍ୟୁ ପରି, ସନ୍ତର୍ପଣରେ, ଲୁଚି ଲୁଚି I ଗତ ଅଠରବର୍ଷ ମଧ୍ୟରେ, ଏ ବିଦ୍ୟାରେ ସେ ପ୍ରବୀଣ ଓ ପାରଙ୍ଗମ ହୋଇ ଉଠିଥିଲା I ପାତିମାଙ୍କଡ଼ଟି ସୁଦ୍ଧା ସେଠାରେ ନ ଥିଲା!

ଖବରକାଗଜ ରିପୋର୍ଟରେ, ପୋଲିସ, ମାଜିଷ୍ଟ୍ରେଟ ଓ ସାଧାରଣ କୌତୂହଳୀ ଜନତା, ସମସ୍ତଙ୍କ ଉପସ୍ଥିତିରେ ଦୋକାନର ଦରଜା ଭଙ୍ଗାଯାଇ ଖାନ୍‌ତଲାସ ହେଲା I ଗୋଟିଏ ପୁରୁଣା ସିଲେଇ ମେସିନ୍, ଟୁକ୍‌ରା ଟୁକ୍‌ରା କନା, ସିଲେଇ ଟୁକ୍‌ରା; ମେସିନର ଦରାଜ ଭିତରେ କେତେଟା ଅର୍ଡରର ମାପ, ଗୋଟାଏ କୋଣରେ ସନ୍ଦେହଜନକ ଭାବରେ ଯେଉଁ ପୁଟୁଳିଟା ପଡ଼ିଥିଲା; ତା' ଭିତରେ କେତେଖଣ୍ଡ ଫୁଟା ଟ୍ରାଉଜର ଆଉ ହାୱାଇନ୍... କିନ୍ତୁ କାହିଁ ସେ ସବୁ ମାରାତ୍ମକ ହାଣ୍ଡ ଗ୍ରେନେଡ୍, ଟ୍ରାନ୍‌ସମିଟର ଓ ଗୁପ୍ତ ଚିଠିପତ୍ର?

ଅମିତାଭ କୈଫିୟତ୍ ଦେଉଥିଲା... "ଆଃ; ସେ ସବୁ କ' ଣ କେହି ପଛରେ ଛାଡ଼ିଯାଏ?"

କିନ୍ତୁ ସେ ଯେ ଗୁପ୍ତଚର, ତା' ର ସବୁଠାରୁ ବଡ଼ ପ୍ରମାଣ ହେଉଛି ତ, ପୁଲିସ ଖାନତଲ୍ଲାସୀର ଆଶଙ୍କାରେ ହନିମାଷ୍ଟରର ଏହିପରି ଆକସ୍ମିକ ପଳାୟନ! ରେଷ୍ଟୁରାଁର ମାଲିକ, ଆଖିରେ ମୁହଁରେ ଗଡ଼ ଜିଣିବାର ଏକ ଦର୍ପିତ ହସ ଫୁଟାଇ, ସମସ୍ତଙ୍କୁ ସେହି କଥା ବାରମ୍ବାର ବୁଝାଉଥିଲା!

ଦୋକାନ ପଛରେ, ଅନ୍ଧାର ଗୁମ୍ଫା ପରି ଯେଉଁ ସନ୍ତସନ୍ତିଆ କୋଠରୀଟିରେ ହନିମାଷ୍ଟର ରହୁଥିଲା, ତାହା ମଧ୍ୟ ଖାନ୍‌ତଲ୍ଲାସ କରାଗଲା I ଗୋଟିଏ କୋଣରେ ପଡ଼ିଥିଲା କେତେଟା ଚିଲମ, ପୋଡ଼ା ଗଞ୍ଜେଇଗୁଣ୍ଡ, ଗୋଟିଏ ଡିବି, ମେଞ୍ଚାଏ ଶୁଖିଲା ପିଜୁଳିପତ୍ର ଓ ଗୁଲୀ ରାନ୍ଧିବାର ଅନ୍ୟାନ୍ୟ ସରଞ୍ଜାମ I

ଏଠାରେ ତା' ହେଲେ ଏକ ଗୁଲିଖଟୀ ମଧ୍ୟ ଥିଲା! ଯେଉଁ ଉଚ୍ଚପଦସ୍ଥ ପୁଲିସ ଅଫିସରଙ୍କ ନେତୃତ୍ୱରେ ଖାନତଲ୍ଲାସୀ ଚାଲିଥିଲା, ସେ ଏକ ପ୍ରଚଣ୍ଡ ତାଚ୍ଛଲ୍ୟରେ, ଯୋତାମିଶା ପାଦରେ ସେ ସବୁ ଆବର୍ଜନା ଠେଲିଦେଇ କହିଲେ, 'ଦୂତ, ଏସବୁ ଏକ ସାଇଜ୍ ମାମଲା!'

କିନ୍ତୁ କାହିଁ ସେ ଦେଶଦ୍ରୋହୀ ଷଡ଼ଯନ୍ତ୍ରର ମାରାତ୍ମକ ବ୍ୟୂହକେନ୍ଦ୍ର? ଗୋଟିଏ ଚେପା ବଦ୍‌ନା, କଳେଇଛଡ଼ା କେତେଟା ଆଲୁମିନିୟମ ବାସନ, ଛିଣ୍ଡା ଗୋଦଡ଼ୀ, ଦରବେଶମାନଙ୍କର ଗୋଟିଏ କାଚମାଳୀ ବ୍ୟତୀତ ହନିମାଷ୍ଟର ଆଉ ଅନ୍ୟ କୌଣସି ରହସ୍ୟଜନକ ସଙ୍କେତ ପଛରେ ଛାଡ଼ି ଯାଇ ନ ଥିଲା I

'ସ୍ୱଦେଶ-ମିତ୍ର' ରେ ସମ୍ବାଦ ବାହାରିଲା... "ପୁଲିସ ଆସିବା ପୂର୍ବରୁ ହନି ମାଷ୍ଟର ଓ ଅନ୍ୟ ଗୁପ୍ତଚରମାନଙ୍କର ପଳାୟନ! ନିରାପତ୍ତା ଦୃଷ୍ଟିରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସେମାନେ ସଙ୍ଗରେ ନେଇ ଯାଇଥିବାର ଆଶଙ୍କା I"

ଏଡଗାର ୱାରଲେସ୍ ବା ଆଗାଥକ୍ରୀଷ୍ଟିଙ୍କର ଗୋୟେନ୍ଦା ଉପନ୍ୟାସର ଏକ ଚରିତ୍ର ପରି ହନିମାଷ୍ଟର ହଠାତ୍ ପ୍ରଖ୍ୟାତ ଓ ରହସ୍ୟାବୃତ ହୋଇଉଠିଲା I

କିନ୍ତୁ ତା' ପରେ ସହରଠାରୁ ଦୂରରେ; ଗ୍ରାମାଞ୍ଚଳର ପଥେ ପଥେ ଯେଉଁ ଅଚିହ୍ନା ଫକୀରଟିଏ ବୁଲିବାର ଦେଖାଗଲା; ପରିପାର୍ଶ୍ୱିକ ପରିସ୍ଥିତି ସହିତ ସେ ଏପରି ମିଶି ଯାଇଥିଲା ଯେ ସେ କାହାର ଦୃଷ୍ଟି ଆକର୍ଷଣ କରୁ ନ ଥିଲା I ସଙ୍ଗରେ ତା' ର ଗୋଟିଏ ପାତିମାଙ୍କଡ଼; ହାତରେ ଗୋଟିଏ

ଡମ୍ବୁରୁ । ଡମ୍ବୁରୁ ବଜାଇଲେ ପାତିମାଙ୍କଡ଼ଟି ନାନା ଭଙ୍ଗୀରେ ନାଚେ, ଅଳିକରେ, ହାତଯୋଡ଼ି ପଇସା ମାଗେ । ଫକୀରଟିର ଆଶ୍ରୟ ଉପରର ସୁନୀଳ ଆକାଶ ଓ ତଳର ମାଟି... ସାଥୀ ଓ ସହଚର ଗୋଟିଏ ପାତିମାଙ୍କଡ଼ ।

ଆକାଶ ଏଠି ତଥାପି ସୁନୀଳ, ମାଟି ତଥାପି ମମତାଭରା, ବୃକ୍ଷଛାୟା ତଥାପି ନିବିଡ଼... ଏଠୁ ତାକୁ ନିର୍ବାସିତ କଲା କିଏ? ଏଠି ବଞ୍ଚିବାର ଅଧିକାରରୁ ତାକୁ ବଞ୍ଚିତ କଲା କିଏ? ସତରଞ୍ଜ ଖେଳରେ କିସ୍ତିମାତ ପାଇଁ ବୋଡ଼ିଆଟି ପରି ତାକୁ ବିସର୍ଜନ ଦେଲା କିଏ?

ଏ ସବୁ ଚିର ଅସମାଧିତ ପ୍ରଶ୍ନ!

ଏବେ ମଧ୍ୟ ହନିମାଷ୍ଟର ତାହାର କୌଣସି ଉତ୍ତର ଖୋଜି ପାଉ ନ ଥିଲା!

(୧୯୬୪)